ସକାଳ THE SAKALA



# ସରକାରଙ୍କ ବିରୋଧରେ ଗର୍ଜିଲା ଆଦିବାସୀ ସଂଘର୍ଷ ମୋର୍ଚ୍ଚା

## ପ୍ରତିଶ୍ରୁତି ପୂରଣ ନହେଲେ ତୀବ୍ର ହେବ ଆନ୍ଦୋଳନ

ମୋହନା,୮ ।୯ (ସମିସ)

ସୋମବାର ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଗଜପତି ଜିଲ୍ଲା ମୋହନା ବ୍ଲକ ବାଘମାରି ପଞ୍ଚାୟତର ଶିଙ୍କୁଲିପଦରରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ନୀତି ବିରୋଧରେ ଗର୍ଜିଛନ୍ତି ଆଦିବାସୀ । ଆଦିବାସୀ ସଂଘର୍ଷ ମୋର୍ଚ୍ଚା ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଜନସାଧାରଣ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଆଦିବାସୀ ନେତା ନରସିଂହ ମଣ୍ଡଳ, କେଶବ ରଇତ ବକ୍ତବ୍ୟ ରଖିବା ସହ ଅକ୍ଟୋବର ମାସରେ ମୋହନା ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ । ମକା ଚାଷକୁ ଋଣ ଓ ମକା ବିକ୍ରି କରିବା ପାଇଁ ମଣ୍ଡି ଏବଂ ଏକ କେଜି ୧୦୦ ଟଙ୍କା ଲେଖାଏଁ ପ୍ରଦାନ କରିବା, ସମସ୍ତଙ୍କୁ ରାସନ କାର୍ଡ ଓ ମାସିକ ୫୦ କେଜି ଚାଉଳ ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ପେନସନ ୫ହଜାର ଟଙ୍କା ପ୍ରଦାନ କରିବା, ମନରେଗା କାମରେ ଦୈନିକ ୬ଶହ ଟଙ୍କା ପ୍ରଦାନ କରିବା ଭଳି ବିଭିନ୍ନ ଦାବି କରିଛନ୍ତି ଆଦିବାସୀ । ସରକାର ଯଦି ଏଥିପ୍ରତି କର୍ଣ୍ଣପାତ ନକରନ୍ତି ତେବେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଆଦିବାସୀ ନେତା ନରସିଂହ ମଣ୍ଡଳ, ମ୍ୟାଥ୍ୟୁ ରଇତ, ସାଇଡ୍ରିକ ମଲ୍ଲିକ, ଡାଗଂଲା ରଇତ, ତମାସ ରଇତ, କେଶବ ରଇତ, ଯୋହନର ଇତ, ଏଲିଆବ ଗମାଙ୍ଗ, ସାମସଙ୍ଗ ରଇତ, ସର୍ବଶ୍ରୀ ଗମାଙ୍ଗ, ସୁଦାମ ରଇତ, ସିମିୟ ରଇତ, ବସା ରଇତ, ଅବିୟ ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ ।




## ● ଅବକାରୀ ଚଢ଼ଉ
# ଗଞ୍ଜେଇ, ଦେଶୀ ମଦ ଜବତ



ପାରଳାଖେମୁଣ୍ଡି,୮ ।୯ (ସମିସ) : ଗଜପତି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଞ୍ଜେଇ, ଭାଙ୍ଗ, ଦେଶୀମଦ ବିପୁଳ ପରିମାଣର ଜବତ ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ମୋଟର ସାଇକଲ ସହ ୩୫ ଲିଟର ଦେଶୀମଦ ଓ ୩୧ କିଲୋ ୫୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି । ଆର୍.ଉଦୟଗିରି ଅବକାରୀ ବିଭାଗ ପକ୍ଷରୁ ୭୫ କିଲୋ ଗଞ୍ଜେଇ ସହ ୨୦ କିଲୋ ଭାଙ୍ଗ ଜବତ ହୋଇଛି । ସେହିପରି ପାରଳାଖେମୁଣ୍ଡି ଅବକାରୀ ବିଭାଗ ଏକ କାର୍ ସହ ୨୦୦ କିଲୋ ଗଞ୍ଜେଇ ଜବତ କରିଛି ବୋଲି ଅବକାରୀ ଅଧୀକ୍ଷକ ଶ୍ରୀ ସାହୁ ସୂଚନା ପ୍ରଦାନ କରିଛନ୍ତି ।

# ହତ୍ୟା ମାମଲାରେ ୭ ଗିରଫ; ମାରଣାସ୍ତ୍ର ଜବତ

ଶେରଗଡ଼,୮ ।୯ (ସମିସ): ଗତ ୪ ଓ ୫ ତାରିଖରେ ଶେରଗଡ଼ ଥାନା ଅଞ୍ଚଳରେ ଦୁଇଟି ହତ୍ୟାକାଣ୍ଡ ଘଟିଥିଲା । ଏହି ଅପରାଧରେ ସମ୍ପୃକ୍ତ ଅଭିଯୋଗରେ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି । ଗତ ୫ ତାରିଖ ବିଳମ୍ବିତ ରାତିରେ ଗୋଠଗାଁରେ ଗଣେଶ ପୂଜା ଅବସରରେ ପ୍ରସାଦ ସେବନ ପରେ ଭସାଣି ଚାଲିଥିଲା । ଭସାଣି ସମୟରେ ଗୋଟିଏ ଗୋଷ୍ଠୀର ଯୁବକଙ୍କ ସହିତ ସରପଞ୍ଚଙ୍କ ଗୋଷ୍ଠୀର ଯୁବକଙ୍କ ଝଗଡ଼ା ହୋଇଥିଲା । ଝଗଡ଼ା ଉଗ୍ରରୂପ ନେବାରୁ ଦୁଇ ଗୋଷ୍ଠୀ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିଥିଲେ । ଏଥିରେ ଚନ୍ଦନ ବିଶୋୟୀଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ଶେରଗଡ଼ ଥାନାରେ ୩୭୬/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ।



ତେବେ ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ପୁଲିସ ଗୋଠଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ (୨୫), ସରପଞ୍ଚଙ୍କ ଭାଇ ପ୍ରମୋଦ ସୁଆଁସିଆ (୨୩), ଗୋଠଗାଁ ପଞ୍ଚାୟତ ଗୋଠଗାଁର ଗଙ୍ଗାଧର ବିଶ୍ୱାଳଙ୍କ ପୁଅ ନବଘନ (୨୫), ଗୋଠଗାଁ ପଞ୍ଚାୟତ ଗୋଠଗାଁର ସୀମାଞ୍ଚଳ ବିଶ୍ୱାଳଙ୍କ ପୁଅ କାହ୍ନୁ ଚରଣ ବିଶ୍ୱାଳ (୨୩) ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ବ୍ୟବହୃତ ଛୁରି, ଖଣ୍ଡା, ପଞ୍ଝା ଜବତ ହୋଇଛି । ସେହିପରି ୪ ତାରିଖରେ ଡେଙ୍ଗାପଦର ଗ୍ରାମରେ ରୋହିତ ପାଣିଗ୍ରାହୀ (୬୧) ଓ ତାଙ୍କ ଦୁଇ ପୁଅ ବାବୁ, ତ୍ରିଲୋଚନଙ୍କ ମିଶି ପଡ଼ୋଶୀ ହରେକୃଷ୍ଣ ପାଣିଗ୍ରାହୀ (୪୫)ଙ୍କ ସହ ଝଗଡ଼ା କରିଥିଲେ । ଘଟଣା ଦିନ ସକାଳୁ କୌଣସି କାରଣକୁ ନେଇ ପ୍ରଥମେ ହରେକୃଷ୍ଣଙ୍କ ସହିତ ରୋହିତଙ୍କ ଝଗଡା ହୋଇଥିଲା । ଝଗଡା ଦେଖି ରୋହିତଙ୍କ ଦୁଇ ପୁଅ ଆସି ମିଳିତ ଭାବେ ହରେକୃଷ୍ଣଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ହରେକୃଷ୍ଣଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ଭୀମସେନ ଶେରଗଡ଼ଙ୍କ ଅଭିଯୋଗ ପରେ ଥାନାରେ ୩୭୩/୨୫ ରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ରୋହିତ ପାଣିଗ୍ରାହୀ, ଏବଂ ତାଙ୍କର ୨ ପୁଅ ବାବୁ ଏବଂ ତ୍ରିଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏକ ଶାବଳ ଜବତ କରାଯାଇଛି । ଏହି ଦୁଇ ହତ୍ୟାକାଣ୍ଡରେ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି ଏବଂ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମାନଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ବରେନ୍ଦ୍ର ସିଅଳ ପ୍ରକାଶ କରିଛନ୍ତି ।

## ● ମାଗଣା ଆମ୍ବୁଲାନ୍ସ ସେବା ପ୍ରହସନ
# ରୋଗୀଙ୍କ ସ୍ଥାନାନ୍ତର ପାଇଁ ସହଯୋଗ କଲେ ସ୍ୱେଚ୍ଛାସେବୀ

ରମ୍ଭା,୮ ।୯ (ସମିସ): ସାଧାରଣ ରୋଗୀଙ୍କୁ ମାଗଣାରେ ସେବା ଯୋଗାଇ ଦେବା ପାଇଁ ସରକାର ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିବା ଡିଣ୍ଡିମ ପିଟୁଥିବାବେଳେ ଏପ୍ରକାର ସେବା ସମ୍ପ୍ରତି ପ୍ରହସନରେ ପରିଣତ ହୋଇଛି । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ୍ ଓଡ଼ିଆ ଆଳପୁର ଗ୍ରାମର ସୁଚିତ୍ରା ତରେଇଙ୍କ ସ୍ୱାମୀ ନାରାୟଣ ତରେଇଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବାରୁ ସେ ପ୍ରଥମେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାକାର ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନେବା ପାଇଁ ପରାମର୍ଶ କରିଥିଲେ । ତେଣୁ ସୁଚିତ୍ରା ୧୦୮ କୁ ବାରମ୍ବାର ଫୋନ୍ କରିଥିଲେ ଆମ୍ବୁଲାନ୍ସ ପାଇଁ । କିନ୍ତୁ ଦୁଃଖର ବିଷୟ ୧୦୮ କୁ ଫୋନ୍ କରିବାରୁ ଆମ୍ବୁଲାନ୍ସ ନାହିଁ ବେସରକାରୀ ଆମ୍ବୁଲାନ୍ସ କରି ରୋଗୀକୁ ବ୍ରହ୍ମପୁର ନେଇଯାଅ ବୋଲି କୁହାଯାଇଥିଲା । ରୋଗୀ ଜଣକ ନିହାତି ଗରିବ ପରିବାରର ହୋଇଥିବାରୁ ବେସରକାରୀ ଆମ୍ବୁଲାନ୍ସ ଯୋଗାଡ଼ କରିବା ତାହାଙ୍କ ପାଇଁ ଅସମ୍ଭବ ଥିଲା । ତେବେ ଦୀର୍ଘ ପାଞ୍ଚ ଘଣ୍ଟା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ବିଶ୍ୱରଞ୍ଜନ ପଣ୍ଡା ଏବଂ ଲକ୍ଷ୍ମୀକାନ୍ତ ମହାପାତ୍ର ଉଭୟେ ନିଜ ହାତରୁ ଖର୍ଚ୍ଚ କରି ନିଜସ୍ୱ ଉଦ୍ୟମରେ ରୋଗୀ ଜଣକୁ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲେ । ପ୍ରକୃତ ପକ୍ଷେ ଆମ୍ବୁଲାନ୍ସ ସେବା ସାଧାରଣ ରୋଗୀଙ୍କୁ ଉପଲବ୍ଧ ନହେବା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ଘଟଣାର ନିରପେକ୍ଷ ତଦନ୍ତ କଲେ ଏହାରି ମୂଳରେ ରହିଥିବା ଅସଲ ରହସ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଅନୁରୂପ ଭାବେ ଦୁଇ ଦିନ ତଳେ ଏକ ସାବୁଲିଆ ପଞ୍ଚାୟତରେ ନାବାଳକ ପୋଖରୀରେ ବୁଡି ସମଦୋଷ ବୋଗିଥିବା ମତପ୍ରକାଶ ପାଇଛି ।

# ଘୁମୁସର ଦିବସ ପାଳନ ପାଇଁ ଭଞ୍ଜନଗରବାସୀଙ୍କୁ ଆହ୍ୱାନ

ଭଞ୍ଜନଗର,୮ ।୯ (ସମିସ): ଆସନ୍ତା ୧୧ ତାରିଖକୁ ଘୁମୁସର ଦିବସ ଭାବେ ପାଳନ କରିବା ପାଇଁ ଭଞ୍ଜନଗର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି । ଭଞ୍ଜନଗର ଏନଏସି ଅଧୀନରେ ଥିବା ସମସ୍ତ ସଂଘର କର୍ମକର୍ତ୍ତା ମାନେ ଆଜି ଏକାଠି ହୋଇ ଷ୍ଟେଟ ବ୍ୟାଙ୍କ ଛକରୁ ଏକ ଶୋଭାଯାତ୍ରାରେ ବାହାରି ରେଡକ୍ରସ ରୋଡ଼, ବାଉଁଶଲୁଣ୍ଡି, ମୁଖ୍ୟ ସଡ଼କ ଦେଇ ପୁରୁଣା ଜେଲ ରୋଡ଼ ହୋଇ ହନୁମାନ ମନ୍ଦିର ଠାରେ ଶେଷ ହୋଇଥିଲା । ଭଞ୍ଜନଗର ଓକିଲ ସଂଘ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘ, ଘୁମୁସର ଗବେଷଣା ପ୍ରତିଷ୍ଠାନ, ବିପଦର ବନ୍ଧୁ, ବିଶ୍ୱହିନ୍ଦୁ ପରିଷଦ, ଅବସରପ୍ରାପ୍ତ ଏନଏସି କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ବଣିକ ସଂଘ, ଘୁମୁସର ବିକାଶ ପରିଷଦ, ଘୁମୁସର ଲେଖିକା ସଂସଦ, ଚାଷୀମୁଲିଆ ସଂଘ ପ୍ରେସ ମିଡ଼ିଆର କର୍ମକର୍ତ୍ତା ପ୍ରକାଶ ଚନ୍ଦ୍ର ସାହୁ, ପିତାମ୍ବର ପରିଡା, ରବି ନାରାୟଣ ସାମନ୍ତ ସୁରେନ୍ଦ୍ର ବେହେରା, ବିପ୍ର ଚରଣ ସାହୁ, ଧୋବା ବେହେରା, ଜ୍ୟୋତି ରାଜ ପତି, ରାଜେନ୍ଦ୍ର ପ୍ରଧାନ, ସମୀର ନାୟକ, ନେତାଜୀ ବିଷୋୟୀ, ସୁଶାନ୍ତ ମହାପାତ୍ର, ମୃତ୍ୟୁଞ୍ଜୟ ସୁବୁଦ୍ଧି, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଡ଼ ନଳିନୀ ପ୍ରଭା ଦାସ ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ ନେତୃତ୍ୱ ନେଇଥିଲେ ।

# ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ତୁମୁଡିବନ୍ଧ,୮ ।୯ (ସମିସ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ସରକାରୀ ବେନାରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟତ୍ରୀ ପ୍ରଶାନ୍ତି ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି । ସେ ବିଦ୍ୟାଳୟରେ ଭାଷାଜ୍ଞାନ, ଗଣିତ ଜ୍ଞାନ ଓ ସୃଜନଶିଳତାର ବିକାଶ ଆଧାରିତ ଶିକ୍ଷା ଉପକରଣ ତିଆରି କରିବା ଶିଖାଇବା ସହ ଶିକ୍ଷାଦାନ ସମୟରେ ଉପଯୋଗ କରି ପିଲାମାନଙ୍କୁ ନାଚ ଗୀତ ଖେଳ ମାଧମରେ ଶିକ୍ଷା ପ୍ରଦାନ କରିଥାନ୍ତି । ଜିଲ୍ଲା ପ୍ରଶାସନର ସଭା ଗୃହରେ ଆୟୋଜିତ ସଭାରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମା ଚରଣ ମଲିକଙ୍କ ଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଶ୍ରୀମତୀ ସାହୁ ଏହି ପୁରସ୍କାରର ଶ୍ରେୟ ତୁମୁଡିବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ, କ୍ଲଷ୍ଟର ସିଆରସିସି, ବିଦ୍ୟାଳୟର ଶହ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀଙ୍କୁ ଦେଇଛନ୍ତି ।



# କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ ପ୍ରସ୍ତୁତି ବୈଠକ

ସାନଖେମୁଣ୍ଡି,୮ ।୯ (ସମିସ) : ସାନଖେମୁଣ୍ଡି କଂଗ୍ରେସ ପକ୍ଷରୁ ସୋମବାର ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଙ୍ଗଠନ ସୃଜନ ଅଭିଯାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିବାବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ବ୍ଲକ କଂଗ୍ରେସ ସଭାପତି ବାବୁଲା ଦୋରା, ତୁଡ଼ଙ୍ଗପୁର ସରପଞ୍ଚ ଜାଗିଲି ସେଠୀ, ଖଲିଙ୍ଗି ସରପଞ୍ଚ ଅର୍ଣ୍ଣବ ନାୟକ, ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ମିଥୁନ ସେଠୀ, ରୋହିତ ଖୁଣ୍ଟିଆ, ପିଣ୍ଟୁ ସେଠୀ, ସଞ୍ଜୟ ଦୋରା ପୂର୍ବତନ ସରପଂଚ ନିରାକାର ପ୍ରଧାନ, ସମିତି ସଭ୍ୟ ସଂଗ୍ରାମ ବିଷୋୟୀ, ବୁଲୁ ସେଠୀ, ସିମାଞ୍ଚଳ ଗୌଡଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ରମ୍ଭା,୮ ।୯ (ସମିସ): ଦାନପୁର କ୍ଲଷ୍ଟର ପକ୍ଷରୁ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ବି.ଏନ୍.ପୁର୍ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଛି । ଆଞ୍ଚଳିକ ସାଧାନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ଗଣେଶ ସେଠୀ, ସୁରେନ୍ଦ୍ରନାଥ ବେହେରା, ବିଜୟ କୁମାର ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ମହାକୁଡ ପ୍ରମୁଖ ବୈଠକର ଶୁଭାରମ୍ଭ କରିଥିଲେ । ବୈଠକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବି ନାରାୟଣୀ ସେଠୀ ଉପସ୍ଥିତ ହୋଇ ଏଫ୍. ଏଲ୍. ଏନ୍. ବିଷୟ ବସ୍ତୁ ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଇବା ସହ କେମିତି ନିଜ ବିଦ୍ୟାଳୟରେ କାର୍ଯ୍ୟକରି ହେବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ସେଠୀ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଯଥା ସାଧ୍ୟ ଚେଷ୍ଟା କରିବା ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟରେ ଯେମିତି ଏହାକୁ କାର୍ଯ୍ୟକରି କରିବେ ସେ ବିଷୟରେ ସୂଚନା ଦେଇଥିଲେ । ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ସେଠୀ ଧନ୍ୟବାଦ ଦେଇଥିଲେ ।

# କଂଗ୍ରେସ କମିଟିର ସଂଗଠନ ସୃଜନ ଅଭିଯାନ

ଶେରଗଡ଼,୮ ।୯ (ସମିସ): ଶେରଗଡ ମା' ଦକ୍ଷିଣକାଳୀ ପୀଠରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସଙ୍ଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଶେରଗଡ ବ୍ଲକ କଂଗ୍ରେସ କମିଟି ସଭାପତି କୁନା ବିଷୋୟୀଙ୍କ ଅଧ୍ୟକ୍ଷତାରେ ସୃଜନ ଅଭିଯାନ ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ସଚିନ ନାୟକ ଯୋଗଦେଇଥିଲେ । ଅଭିଯାନରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବକାନ୍ତ ଶର୍ମା, ହିଞ୍ଜିଳି ବ୍ଲକ କଂଗ୍ରେସ ସଭାପତି ଶିବରାମ ପ୍ରଧାନ, ରଜନୀକାନ୍ତ ପାଢୀ, ସୁନାରାମ ସାବତ, ରାମନାରାୟଣ ବିଶ୍ୱାସରାୟ, ସୁନୀଲ କୁମାର ପାଣିଗ୍ରାହୀ, ରଜନୀକାନ୍ତ ବିଷୋୟୀ ଯୋଗ ଦେଇଥିଲେ ।



# ବିଜେପିର ସମ୍ବର୍ଦ୍ଧନା ଉତ୍ସବ ଓ ମିଶ୍ରଣ ପର୍ବ

## ଯୋଗଦେଲେ ତିନି ମନ୍ତ୍ରୀ, ୭ ବିଧାୟକ




କୋଦଳା,୮ ।୯ (ସମିସ): ରବିବାର କୋଦଳା ଡାକ ବଙ୍ଗଳା ପଡ଼ିଆଠାରେ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିବାବେଳେ ଏଥିରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପରିବହନ, ବାଣିଜ୍ୟ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଅଣୁ ଓ କ୍ଷୁଦ୍ରଶିଳ୍ପ, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଏହା ସହିତ ଓଡ଼ିଶା ପ୍ରଦେଶ ବିଜେପି ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ଯୋଗଦେଇଥିବା ବେଳେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କୋଦଳା ବିଜ୍ଞାପିତ ଅଞ୍ଚଳର ଆବଶ୍ୟକତା କୁ ଅନୁଭବ କରି ୮ କୋଟି ୭୧ ଲକ୍ଷ ବ୍ୟୟ ରେ କୋଦଳା ହଜ ଜଳାଶୟର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟ କରଣ କରିବା ନିମନ୍ତେ ଏବଂ ୭ କୋଟି ୨ ଲକ୍ଷ୍ୟ ଟଙ୍କା ବ୍ୟୟରେ କୋଦଳା ଠାରେ ଏକ ଅତ୍ୟାଧୁନିକ ବଜାର ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ପରେ ଉପସ୍ଥିତ କର୍ମୀଙ୍କୁ ଗଞ୍ଜାମ ଜିଲ୍ଲାକୁ ଆମ ସରକାର ତଥା ମୋହନ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି,ଅଧିକ ରୁ ଅଧିକ ପୁରସ୍କୃତ କରିଛନ୍ତି ସରକାର । ଦୁଇଟି ଏନଏସି ସାଙ୍ଗକୁ ୫ ଟି ପୌରପରିଷଦ, ଗଞ୍ଜାମ ୧୩:ରୁ ୧୧ ପ୍ରତିନିଧି ଦେଇଥିବାରୁ ସରକାର ଆଜି ସୁଦୃଢ ହୋଇଛି ।

ଏହି ସମ୍ବର୍ଦ୍ଧନା ସଭା ମଧ୍ୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବେଗୁନିଆପଡ଼ା ବ୍ଲକ୍ ସାନ ଉସ୍ତାପଡ଼ା ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ମଠ ସରସିଂହ ପଞ୍ଚାୟତ ସରପଞ୍ଚ ମଞ୍ଜୁଲତା ବେହେରା, ବେରୁଆଁବାଡ଼ି ସରପଞ୍ଚ ପ୍ରତିମା ପାଢ଼ୀ, ସମିତି ସଭ୍ୟ ବ୍ରଜ ସୁନ୍ଦର ସାହୁ, ସୁମଣ୍ଡଳ ସରପଞ୍ଚ ଶିବ ଶଙ୍କର ବାରିକ, ଘୋଡାପଡା ସମିତି ସଭ୍ୟ ସୁଦର୍ଶନ ଶବର, ଚନ୍ଦନପୁର ସରପଞ୍ଚ ପ୍ରତିନିଧି ସୂର୍ଯ୍ୟ ନାରାୟଣ ବେହେରା, ବୁରୁଝରୀ ସମିତି ସଭ୍ୟ ସୁଚିତ୍ରା ମହାନ୍ତି, ବେଗୁନିଆପଡ଼ା ସମିତି ସଭ୍ୟ ପ୍ରତିନିଧି ସନ୍ତୋଷ ପାତ୍ର, ପ୍ରମୁଖ ବିଜେପି ସରକାର ଏବଂ ବିଧାୟକ ପ୍ରତାପ ନାୟକଙ୍କ ବିକାଶ ଉପରେ ଆସ୍ଥା ପ୍ରକଟ କରି ସାମିଲ ହୋଇଥିବା ବେଳେ ସେମାନଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ପ୍ରକାଶ କରିଛନ୍ତି । ଶେଷରେ କୋଦଳା ବିଜ୍ଞାପିତ ଅଞ୍ଚଳ ପରିସଦ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଧନ୍ୟବାଦ ଦେଇଥିଲେ ।

# ଜନତାଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ




ଗୁମ୍ମା,୮ ।୯ (ସମିସ): ଗୁମ୍ମା ବ୍ଲକ ଅନ୍ତର୍ଗତ ଭୁବନି ପଞ୍ଚାୟତ କାର୍ଯ୍ୟାଳୟରେ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନ ମାଝୀ, ଆରକ୍ଷୀ ଅଧିକ୍ଷକ ଜତୀନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ପିଡ଼ି ଶଙ୍କର କେର୍କେଟା ଓ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏମଏମ ଅଲି ଯୋଗ ଦେଇଥିଲେ । ଗୁମ୍ମା ବ୍ଲକର ତୁମୁଲ, ସେରଙ୍ଗ, ଭୁବନି ଓ ଅଜୟଗଡ଼ ୪ଟି ପଞ୍ଚାୟତର ମୋଟ ୬୧ଟି ଅଭିଯୋଗ ମଧ୍ୟରେ ସାମୂହିକ ୪୩ଟି ଏବଂ ୧୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗୋଟିଏ ସିଏମ୍ଆର୍ଏଫ୍ ସହାୟତା ଯୋଗାଇ ଦିଆଯାଇଛି । ରାସ୍ତା ଘାଟ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳଯୋଗାଣ, ଆବାସ ଯୋଜନାରେ ଘର ଯୋଗାଇ ଦେବା, ମୋବାଇଲ ନେଟୱର୍କ, ବର୍ଦ୍ଧିତ ଭତ୍ତା, ରାସନ କାଡର୍ ଓ ବିଭିନ୍ନ ଗ୍ରାମାଞ୍ଚଳରେ ଡ୍ରେନ ଉପର ଦେଇ ଆବର୍ଜନା ପାଣି ନିଷ୍କାସନ ଭଳି ସମସ୍ୟା ସମ୍ପର୍କରେ ଅଭିଯୋଗ କରାଯାଇଛି । ଏନେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ବ୍ଲକସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଭିଯୋଗକୁ ତ୍ୱରିତ ଭାବେ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି ଅଭିଯୋଗ କାରୀ । ସେହିପରି ଅନ୍ୟତମ ଅତିଥି ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

**ଧରାକୋଟ :** ଧରାକୋଟ ବ୍ଲକର ଚତୁର୍ଥ ଜନ ଶୁଣାଣି କାର୍ଯ୍ୟକ୍ରମ ସିଙ୍ଗିପୁର ପଞ୍ଚାୟତରେ ହୋଇଯାଇଛି । ଏଥିରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡ଼ିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ ଗୀତାଞ୍ଜଳି ସେଠୀ, ସମିତି ସଭ୍ୟା ମମତା ଦାଶ, ଯୋଗାଣ ଅଧିକାରୀ ସଂଜୟ ମଲ୍ଲିକ, ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ବିଏସଏସଓ ସଚିନ୍ ପାତ୍ର, ଡଃ ଏମଭିକେ ଅଶୋକ, ଡ ଶଙ୍କରନାରାୟଣ ବେହେରା, ଗାଙ୍ଗପୁର ଥାନା ଏସ ଆଇ ଆର୍ତ୍ତତ୍ରାଣ ଦାନି, ଏବିଓ ବିଭୂତି ଭୂଷଣ ପାତ୍ର, ବିଦ୍ୟୁତ ବିଭାଗ ଯନ୍ତ୍ରୀ ତୁଷାର ପାଢ଼ୀ, ସୁପରଭାଇଜର ସୁଶୀଳା ମଲିକ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୁପାକ୍ଷ ପଟନାୟକ, ଉଦ୍ୟାନ ଓ କୃଷି ଅଧିକାରୀ ଶ୍ରୀକାନ୍ତ ସେଠୀ, ଜିପିଇଓ ଦେବରାଜ ନାୟକ, ମନରେଗା ବିଭାଗର ଅମେଶ ବେହେରା, ଦୀପକ ପଟନାୟକ, ରାଜସ୍ୱ ନୀରିକ୍ଷକ ରଞ୍ଜନ ବରାଡ, ବ୍ଲକ କୃଷୀ ଅଧିକାରୀ ବିଶ୍ୱନାଥ ବେହେରା, ସହକାରୀ କୃଷି ଅଧିକାରୀ ଅନିଲ ବେହେରା, ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରାମକୃଷ୍ଣ ପଣ୍ଡା, ଏଫଇଓ ଶିବାନୀ ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଲୁ ଚରଣ ସ୍ୱାଇଁ ଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଆଜିର ଜନଶୁଣାଣିରେ ମୋଟ ୩୯ ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ ।

**ଫିରିଙ୍ଗିଆ:** ଫିରିଙ୍ଗିଆ ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏଡ଼ିଏମ କନ୍ଧମାଳ ରାମେଶ ଚନ୍ଦ୍ର ଜେନା, ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ପ୍ରକଳ୍ପ ପ୍ରଶାସକ ଶମ୍ଭୁନାଥ ନନ୍ଦୀ, ଉପ ଜିଲ୍ଲାପାଳ ଭିକାରି ସାହୁ, ବିଡିଓ ଅନୁପ ଅଭିଷେକ ବେହେରା, ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନଙ୍କ ସହ ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ବିଭାଗ ଏବଂ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ଯୁଗ୍ମ ଅଭିଯୋଗ ଶୁଣାଣିରେ ସମୁଦାୟ ୭୨ଟି ବିଭିନ୍ନ ଅଭିଯୋଗ ହୋଇଥିଲା । ରାସନ କାର୍ଡ ଓ ରାସ୍ତା ନିର୍ମାଣ, ମନରେଗା ଓ ଶିକ୍ଷା ବିଭାଗ ରେ ଶିକ୍ଷକ ଅଭାବକୁ ନେଇ ଅଧିକାଂଶ ଅଭିଯୋଗ ହୋଇଥିବା ସୂଚନା ମିଳିଛି । ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଜନସାଧାରଣ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ଅଧିକାଂଶ ଅଭିଯୋଗ ସମାଧାନ ନ ହୋଇ କେବଳ କାଗଜ ପତ୍ରରେ ପଡ଼ି ରହୁଥିବା ଅଭିଯୋଗ ହୋଇଛି ।



# ନୂତନ ପଞ୍ଚାୟତ ଗଠନ ଦାବି କଲେ ୱାର୍ଡବାସୀ

ଫିରିଙ୍ଗିଆ, ୮ ।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତକୁ ବିଭାଜନ ସହ ପୁଟୁକି ପଡ଼ାରେ ନୂତନ ପଞ୍ଚାୟତ ଗଠନ କରିବାକୁ ଦୀର୍ଘ ଦିନ ହେବ ଦାବି କରି ଆସୁଛନ୍ତି ପବିଙ୍ଗିଆ ପଞ୍ଚାୟତର ୬ୱାର୍ଡ ବାସି । ଏହି ୬ ୱାର୍ଡବାସୀଙ୍କ ମଧ୍ୟରେ ପୁଟୁକି ପଡ଼ା, ବବଡଙ୍ଗିଆ, ବାନ୍ଦା ମାହା, ବେଙ୍ଗେସି ପଦର, ସାଇତିଙ୍ଗିଆ, ମଗମୁଣ୍ଡା, ସହ ୧୨ଟି ରାଜସ୍ୱ ଗ୍ରାମର ୧୮ ଶହରୁ ଅଧିକ ଜନସଂଖ୍ୟା କୁ ନେଇଁ ଅଞ୍ଚଳବାସୀ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରି ନୂତନ ପଞ୍ଚାୟତ ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଦାବି ସମ୍ପର୍କରେ ସେମାନେ ପୂର୍ବରୁ ଫିରିଙ୍ଗିଆ ବିଡିଓ ଏବଂ କନ୍ଧମାଳ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ହେଲେ କୌଣସି ସୁଫଳ ନ ମିଳିବାରୁ ପୁଣି ପବିଙ୍ଗିଆ ପଞ୍ଚାୟତ ବିଭାଜନ ଓ ନୂତନ ପଞ୍ଚାୟତ ଗଠନ ପାଇଁ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଲିଖିତ ଦାବି କରିଥିଲେ । ପବିଙ୍ଗିଆ ପଞ୍ଚାୟତରେ ମୋଟ ୧୨ଟି ୱାର୍ଡ ହୋଇଥିଲେ ମଧ୍ୟ ଭୌଗଳିକ ଦୃଷ୍ଟି କୋଣରୁ ରାସ୍ତା ଘାଟ ସମସ୍ୟା ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ଦୂରତା ସହ ବିଭିନ୍ନ ଅନୁସଙ୍ଗିକ ସୁବିଧା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ୱାର୍ଡବାସୀ । ଏହି ଅବସରରେ କ୍ରିୟାନୁଷ୍ଠାନ କମିଟି ସଭାପତି ନାରାୟଣ କହଁର, ସମ୍ପାଦକ ରାଜକୁମାର ଦିଗାଲଙ୍କ ସହ ଦୁଃଶାସନ କହଁର, ସୁବାଙ୍ଗି କହଁର, ମୁକୁନ୍ଦ କହଁର, ଅଣ୍ଟେଶ୍ୱର କହଁର, ରାଜକୁମାର ଦିଗାଲ, ଅଭିରାମ କହଁର, କନେଶ୍ୱର ମଲିକଙ୍କ ସହ ଅଞ୍ଚଳବାସୀ ସାମିଲ ଥିଲେ ।



## କଳିଙ୍ଗା ଘାଟି ରାସ୍ତାରୁ ହଟିଲା ପଥର; ହଟିନି ଭୟ

ଜି.ଉଦୟଗିରି,୮ ।୯ (ସମିସ): ଜି. ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରୁ ଏକ ବିରାଟକାୟ ପଥର ରାସ୍ତା ଉପରକୁ ଖସି ଆସିଥିଲା । ଯାହାକୁ ନେଇ ଯାତ୍ରୀ ଭୟଭୀତ ଥିବା ବେଳେ ଆଜିର ଏହାକୁ ହଟା ଯାଇଛି । ଜି ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜେସିବି ଆଣି ବିରାଟକାୟ ପଥରକୁ ହଟାଯାଇଛି । ଫଳରେ ବଡ଼ ଗାଡି ଯାତାୟାତର ସମସ୍ୟା ଦୂର ହୋଇଥିବା ବେଳେ ଯାତ୍ରୀଙ୍କ ମନରୁ ଭୟ ଦୂର ହୋଇନି । ବର୍ଷା ଲାଗି ରହିଥିବା ବେଳେ ପୁଣି ଥରେ ପଥର ଧସିବା ଭୟ ଲାଗି ରହିଛି ।



# ଗଞ୍ଜେଇ ସହ ଅଟୋ ଜବତ, ଚାଳକ ଗିରଫ

ଦିଗପହଣ୍ଡି,୮ ।୯ (ସମିସ): ଗଜପତି ଜିଲ୍ଲାରୁ ପୁରୀ ଅଭିମୁଖେ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଦିଗପହଣ୍ଡି ପୁଲିସ ସ୍ଥାନୀୟ ଘୋଡାହାଡ ଡ୍ୟାମ ରାସ୍ତାର ନିମପଲ୍ଲୀ ହନୁମାନ ଛକଠାରେ ଏକ ଅଟୋରୁ ୫୬ କେଜି ୨୨୦ ଗ୍ରାମ ଗଞ୍ଜେଇ ଜବତ କରିଛି । ପୁଲିସ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଥାନା ଭୂଷଣ୍ଡପୁର ଗ୍ରାମର ସୁକାନ୍ତ ମଲ୍ଲିକ (୪୫)ଙ୍କୁ ଗିରଫ କରିବା ସହ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଅଟୋ ଜବତ କରିଛି । ଅଭିଯୁକ୍ତ ଜଣକ ବର୍ତ୍ତମାନ ପୁରୀ ମାଟିତୋଟା ସାହିର ବାସିନ୍ଦା ବୋଲି ଜଣାପଡ଼ିଛି । ଦିଗପହଣ୍ଡି ପୁଲିସ ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ଘୋଡାହାଡ ଡ୍ୟାମ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଗଜପତି ଜିଲ୍ଲା ତମ୍ପା ଗ୍ରାମରୁ ଦିଗପହଣ୍ଡି ବୋକ ଖମ୍ବାରି ଗାଁ ରାସ୍ତା ଦେଇ ଅଭିଯୁକ୍ତ ସୁକାନ୍ତ ନିଜ ଅଟୋନଂ(ଓଡି୦୨ ଏଏକ୍ସ-୧୪୩୦) ରେ ଦିଗପହଣ୍ଡି ଅଭିମୁଖେ ଆସୁଥିଲା । ଏହି ସମୟରେ ପୁଲିସ ଗାଡ଼ି ଦେଖି ସେ ହଠାତ ଅଟୋ ବୁଲାଇ ଲୁଚି ପଳାଇବାକୁ ଚେଷ୍ଟା କରିବା ସମୟରେ ପୁଲିସ ସନ୍ଦେହ କରି ଅଟୋର ପିଛା କରି ଅଟକାଇବା ସହ ଯାଞ୍ଚ କରିଥିଲା । ସେହି ସମୟରେ ଅଟୋରେ ୫ ଗୋଟି ବସ୍ତାରେ ଗଞ୍ଜେଇ ଥିବା ଜାଣିପାରିଥିଲା । ଏହାପରେ ପୁଲିସ ଅଟୋ ଚାଳକ ସୁକାନ୍ତ ସହ ଗଞ୍ଜେଇ ବୋଝେଇ ଅଟୋକୁ ଜବତ କରି ଥାନାକୁ ଆଣିଥିଲା । ସନ୍ଧ୍ୟାରେ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ସାହୁଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବାରେ ସେଥିରେ ୫୬ କିଲୋ ୨୨୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା । ପୁଲିସ ଅଭିଯୁକ୍ତଙ୍କୁ ଜେରା କରିବା ସମୟରେ ସେ ନିୟମିତ ବ୍ୟବଧାନରେ ଗଜପତି ଜିଲ୍ଲାର ତମ୍ପା ଇଲାକାରୁ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ କରି ପୁରୀ ନେଉଥିବା ସ୍ୱୀକାର କରିଥିଲା । ଏନେଇ ଥାନା ଏସ.ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କ ଏତଲାକ୍ରମେ ଅଭିଯୁକ୍ତଙ୍କ ବିରୋଧରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଥାନା କେସ୍ ନଂ - ୩୨୪/୨୫ ପ୍ରକାରେ ମାମଲା ରୁଜୁ କରି ସୋମବାର ବ୍ରହ୍ମପୁର ଜିଲ୍ଲା ଦୌରା ଜଜ୍ କୋର୍ଟଚାଲାଣ କରିଥିଲେ । ସେଠାରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି ।



● ପ୍ରହସନ ପାଲଟିଲା ଅଭିଯୋଗ ଶୁଣାଣି

## ଜଳ ସେଚନ ଅଧିକାରୀଙ୍କ ଦେଖାନାହିଁ



ସାନଖେମୁଣ୍ଡି,୮ ।୯ (ସମିସ): ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚୁଡ଼ଙ୍ଗପୁର ପଞ୍ଚାୟତ ଅଞ୍ଚଳର ଜନ ସାଧାରଣ ଯୋଗଦେଇଥିଲେ । ତେବେ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି । ଜଳ ସେଚନ ବିଭାଗ କୌଣସି ଅଧିକାରୀ ଯୋଗ ଦେଇନଥିବା ବେଳେ ଅଭିଯୋଗ କରିବାକୁ ଆସିଥିବା ଲୋକ ଅସୁବିଧାର ସମ୍ମୁଖିନ ହୋଇଥିଲେ । ଅନେକ ଲୋକ ଦିନ ୨ ଟାରେ ଅଭିଯୋଗ ଶୁଣାଣି ଆସି ଅଭିଯୋଗ କରି ନପାରିବାରୁ ନିରାଶ ହୋଇ ଫେରିଥିଲେ । ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ସାନଖେମୁଣ୍ଡି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ କୋରେଶୁ ସେଠୀ, ଗୋଷ୍ଠୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭବାନୀ ବେହେରା, ଗୋଷ୍ଠୀ କୃଷି ଅଧିକାରୀ ଜୟ ପ୍ରଭା ଆଚାର୍ଯ୍ୟ, ସରପଞ୍ଚ ଜାଗିଲି ସେଠୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ

ଆସିକା,୮ ।୯ (ସମିସ): ଆସିକା ବ୍ଲକର ବଡ଼ ଖୋଲି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଲିପିନା ଦାସ, ବିଡିଏରୁ ଆସିଥିବା ରମେଶ ହାଁସଦା ଏଟିଓ ସୌଦାଗର ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ଗୌଡ଼, ଏବିଡ଼ିଓ ସୁଶାନ୍ତ ବେହେରା, ସମିତି ସଭ୍ୟ ଭରତ ନାହାକଙ୍କ ସମେତ ବହୁ ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ଅଭିଯୋଗରେ ରାସନ କାର୍ଡ, ପେନସନ ଯୋଜନା, ରାଜସ୍ୱ, ପ୍ରଧାନ ମନ୍ତ୍ରୀ ଆବାସ ଘର, ସୁଭଦ୍ରା, ଭୂମି, ଜଣେ ଚାଷୀ ପଞ୍ଜିକରଣକୁ ମିଶି ମୋଟ ୭୫ଟି ବିଭିନ୍ନ ଯୋଜନାର ଅଭିଯୋଗ ଦାଖଲ କରିଥିଲେ ହିତାଧିକାରୀ ।



**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ରାଧାମୋହନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ପଲ୍ଲବୀ ସ୍ୱାଇଁ, ବିଏସଏସଓ ମନୋଜ କୁମାର ପ୍ରଧାନ, ଏଟିଓ ଶୁଭସ୍ମିତା ରଥଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ନୂଆ ରାସନ କାର୍ଡ ଭଳି ବ୍ୟକ୍ତିଗତ ଅଭିଯୋଗ ସହ ସ୍କୁଲ, ରାସ୍ତା ଏବଂ ପରିମଳ ସମସ୍ୟା ଭଳି ୭୨ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ବିଧବା ଭତ୍ତା ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ବାଲିବାଡ଼ ସାହି ବାସିନ୍ଦା ରାସ୍ତା, ପାନୀୟ ଜଳ ଓ ଡ୍ରେନ ସମସ୍ୟା ନେଇ ଅଭିଯୋଗ କରିଥିଲେ । ବିଡିଓ ଶ୍ରୀମତି ସ୍ୱାଇଁ ଅଭିଯୋଗ ଶୁଣିବା ପରେ ସାଧ୍ୟମତେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଜଗନ୍ନାଥ ଭୂୟାଁ, ୱାର୍ଡ ସଭ୍ୟ ଜିଷ୍ଣୁ ଗୌଡ଼, ଜଗନ୍ନାଥ ଗୌଡ଼, ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ, ସିଆରପି ଓ ଆଶାକର୍ମୀ ସହଯୋଗ କରିଥିଲେ ।



## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



କୋଦଳା,୮ ।୯ (ସମିସ): ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ କେ. ବରିଡା ଗ୍ରାମ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଦଳା ତହସିଲଦାର ତଥା ବେଗୁନିଆପଡ଼ା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସସ୍ମିତା ଶତପଥି, ବେଗୁନିଆପଡ଼ା ଥାନା ଏସଆଇ ଟୁନା ପୀଡ଼ିକା, ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ, ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ମମତା ପଣ୍ଡା, ଯନ୍ତ୍ରୀ ଶୁଭଶ୍ରୀ ମହାରଣା, ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପଣ୍ଡା, କନିଷ୍ଠ ଯନ୍ତ୍ରୀ ବାଣିଶ୍ରୀ ଦେବି, ଯୋଗାଣ ଅଧିକାରୀ, ପିଇଓ ସୁରେଶ ଶବର, କୃଷି ଅଧିକାରୀ , ଉଦ୍ୟାନ ଅଧିକାରୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀ, ମତ୍ସ୍ୟ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିବା ସହ ଅଭିଯୋଗ ଶୁଣାଣୀ କରିଥିଲେ । ଏଥିରେ କେ. ବରିଡା ପଞ୍ଚାୟତ ସରପଞ୍ଚ ପୂଜା ପ୍ରଧାନଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ । ଏଥିରେ ସମୁଦାୟ ୪୭ଟି ଅଭିଯୋଗ ହୋଇଥିଲା । ସେଥିମଧ୍ୟରୁ ଆବାସ ଯୋଜନା ୪ଟି, ଭତ୍ତା ୭ ଗୋଟି, ରାସନ କାର୍ଡ ୩୧ ଗୋଟି, ସୁଭଦ୍ରା ଯୋଜନାରେ ୫ଟି ଅଭିଯୋଗ ହୋଇଥିଲା ।

## ବିଦ୍ୟୁତ୍ ଅଧିକାରୀଙ୍କୁ ମାଡ଼ ଅଭିଯୋଗ

ସାନଖେମୁଣ୍ଡି,୮ ।୯ (ସମିସ): ସାନଖେମୁଣ୍ଡି ବ୍ଲକ ତଥା ପାଟପୁର ଥାନା ଅନ୍ତର୍ଗତ ଦୁଦୁରାପଦର ଗ୍ରାମରେ ବିଦ୍ୟୁତ ଅଧିକାରୀ ମାନେ ବକେୟା ଟଙ୍କା ଆଦାୟ ପାଇଁ ଯାଇଥିବା ବେଳେ ସେହି ଗ୍ରାମର ବଦ୍ରି ନାରାୟଣ ସାହୁ ଅଧିକାରୀ ମାନଙ୍କୁ ଗାଳି ଗୁଲଜ କରିବା ସହ ଢେଲା ପଥର ମାଡ କରିଥିବା ଅଭିଯୋଗ ହୋଇଛି । ଏନେଇ ବିଦ୍ୟୁତ ବିଭାଗ କର୍ମଚାରୀ ପାଟପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଚଳାଇଛି ।



## ଘାଟିରେ ଓଲଟିଲା ଅଟୋ, ୩ ଆହତ

ଖଲ୍ଲିକୋଟ,୮ ।୯ (ସମିସ): ଖଲ୍ଲିକୋଟ ବଡ଼ ଘାଟିରେ ସୋମବାର ସନ୍ଧ୍ୟାରେ ଘଟିଛି ଦୁର୍ଘଟଣା । ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୩ ଜଣ ଆହତ ହୋଇଛନ୍ତି । ବ୍ରହ୍ମପୁରରୁ ୩ ଜଣ ବାଲୁଗାଁକୁ ଭୋଜି ରୋଷେଇ କରିବାକୁ ଯାଇଥିଲେ । ଭୋଜି ରୋଷେଇ ସରିବା ପରେ ଆଜି ସନ୍ଧ୍ୟାରେ ଏକ ଅଟୋ ଯୋଗେ ବାଲୁଗାଁରୁ ବ୍ରହ୍ମପୁର ଫେରୁଥିବା ବେଳେ ଖଲ୍ଲିକୋଟ ବଡ଼ ଘାଟି ନିକଟରେ ଭାରସାମ୍ୟ ହରାଇ ଅଟୋ ଟି ଓଲଟି ପଡିଥିଲା । ଫଳରେ ରୋଷେୟା ମହାପାତ୍ର ବିଘ୍ନେଶ୍ୱର, ମନୋଜ କୁମାର ଶତପଥୀ, ବି. ସୁରେନ୍ଦ୍ର ପାତ୍ର ଆହତ ହୋଇଥିଲେ । ଖବର ପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ।

● ମୌଳିକ ସମସ୍ୟାର ସମାଧାନ ଦାବି

## ବିଡିଓଙ୍କୁ ଭେଟିଲେ ଯୁବଗୋଷ୍ଠୀ

ଜି.ଉଦୟଗିରି,୮ ।୯ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ମାଲିକାପଡ଼ି ପଞ୍ଚାୟତର ଯୁବ ଗୋଷ୍ଠୀ ସରପଞ୍ଚଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଞ୍ଚାୟତରେ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ଉନ୍ନତିକରଣ କାମ ଓ ମୌଳିକ ସମସ୍ୟା ଗୁଡ଼ିକ ଉପରେ ସ୍ୱର ଉଠାଇଥିଲେ । ଯୁବକ ମାନଙ୍କ ସହ ସରପଞ୍ଚ ଝରଣା ପ୍ରଧାନ, ନାଏବ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ନିଜ ଅଞ୍ଚଳର ମୌଳିକ ସମସ୍ୟା ନେଇ ସ୍ଥାନୀୟ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ଦେଇଥିଲେ । ଦାବି ଗୁଡ଼ିକ ମଧ୍ୟରେ ଜି.ଉଦୟଗିରି ଇଲେକ୍ଟ୍ରି ଅଫିସ ଛକ ଠାରୁ ରାଇପଦା ପର୍ଯ୍ୟନ୍ତ ପକ୍କା ରାସ୍ତା ତିଆରି, ବାଡ଼େନାଜୁ ଛକ ଠାରୁ ଗୁଡ୍ରିପଡ଼ି ଛକ ପର୍ଯ୍ୟନ୍ତ ପକ୍କା ପିଚୁ ରାସ୍ତା ତିଆରି, ପଞ୍ଚାୟତରେ ସମସ୍ତ ଗାଁକୁ ଗମନା ଗମନ ପାଇଁ ପକ୍କା ସଡ଼କ ନିର୍ମାଣ, ଖରାପ ହୋଇ ବନ୍ଦ ରହିଥିବା ଷ୍ଟ୍ରିଟ୍ ଲାଇଟ୍ ମରାମତି ସହ ଆବଶ୍ୟକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ, ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ହେଉଥିବା ଫଟା ପାଇପ୍ ଗୁଡ଼ିକର ମରାମତି ସହ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ପଞ୍ଚାୟତର ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ କରିବା ଭଳି ଦାବି ରହିଛି । ଉକ୍ତ ସମସ୍ୟା ବାବଦରେ ଶୁଣିବା ପରେ ମୁଖ୍ୟ ସଡ଼କର ମରାମତି ନୁହଁ, ବର୍ଷା ପରେ ନୂଆ ରାସ୍ତା ନିର୍ମାଣ ଆରମ୍ଭ ହେବ, ପାଇପ ଲିକେଜ୍ ସମସ୍ୟା ୧୦ ସେପ୍ଟେମ୍ବର ମଧ୍ୟରେ ସମାଧାନ କରାଯିବ,ଷ୍ଟ୍ରିଟ୍ ଲାଇଟ ମରାମତି ଓ ନୂଆ ସ୍ଥାପନ କାମ ଶୀଘ୍ର ଆରମ୍ଭ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ସରପଞ୍ଚ ।



## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ ଶିବିର

ପାରଳାଖେମଣ୍ଡି,୮ ।୯ (ସମିସ): ଗଜପତି ଜିଲ୍ଲାରେ ଚାଲିଥିବା ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ୍ ଶିବିର ଉଦ୍ଯାପିତ ହୋଇଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମନ ରାଇକା ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଗୁଡ଼ିକର ବ୍ଲକ ସ୍ତରୀୟ ଅଧିକାରୀ ମାଷ୍ଟର ଟ୍ରେନର ମାନଙ୍କୁ ତାଲିମ୍ ଦିଆଯାଇଥିଲା । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ନିମନ୍ତେ ସେବା, ସମର୍ପଣ ଓ ସଂକଳ୍ପ ରଖି ଶେଷ ମାଇଲ ଖୁଣ୍ଟ ପର୍ଯ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପ୍ରଶାସକ ହିସାବରେ କାର୍ଯ୍ୟ କରିବା ଓ ଗ୍ରାମର ସର୍ବାଙ୍ଗୀନ ଉନ୍ନତି କରିବା ନିମନ୍ତେ ଶପଥ ପାଠ ହୋଇଥିଲା । ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଭାବରେ ଆର୍.ଉଦୟଗିରି, ଗୁମ୍ମା ଓ ରାୟଗଡ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗଦେଇ ଥିଲେ । ଜିଲ୍ଲାର ୭ଟି ବ୍ଲକ୍‌ର ୫୫ ଜଣଙ୍କୁ ବ୍ଲକ୍ ମାଷ୍ଟର ଟ୍ରେନର ଭାବରେ ତାଲିମ୍ ପ୍ରଦାନ କରାଯାଇଥିଲା ।

● ସାରର ଅଭାବୀ ବିକ୍ରି

## ସୋସାଇଟି ସମ୍ପାଦକଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା



ବୁଗୁଡ଼ା,୮ ।୯ (ସମିସ): ବର୍ତ୍ତମାନ ସମୟରେ ଚାଷୀଙ୍କୁ ସାରର ଆବଶ୍ୟକତା ରହିଛି । ହେଲେ ସୋସାଇଟି ଗୁଡିକୁ ଆବଶ୍ୟକ ପରିମାଣ ସାର ଆସୁନଥିବାରୁ ସାର ବ୍ୟବସାୟୀ ଚଢ଼ା ଦରରେ ସାର ବିକ୍ରୟ କରୁଥିବା ଅଭିଯୋଗ ହେଉଛି । ସୋମବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲିକ ତାଙ୍କର ବୁଗୁଡ଼ା ସ୍ଥିତ ବାସ ଭବନରେ ପୋଲସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ସମବାୟ ସୋସାଇଟିର ସଭାପତି ଓ ସମ୍ପାଦକମାନଙ୍କୁ ଡାକି ସମସ୍ୟାର କିପରି ସମାଧାନ ହୋଇ ପାରିବ ସେନେଇ ଆଲୋଚନା କରିବା ସହ ସୋସାଇଟି ଗୁଡିକୁ ଯେମିତି ପର୍ଯ୍ୟାପ୍ତ ସାର ଯୋଗାଣ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଅଞ୍ଚଳର ସମସ୍ତ ଚାଷୀ କିପରି ସରକାରୀ ସହାୟତା ପାଇବେ ସେନେଇ ନିର୍ଦ୍ଦେଶ ଦେବା ସହ ଜୈବକ ପ୍ରଣାଳୀରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ପୋଲସରା ବ୍ଲକର ୧୬ଟି ଓ ବୁଗୁଡ଼ା ବ୍ଲକର ୧୪ଟି ସମବାୟ ସମିତିରେ ସମ୍ପାଦକ ଓ ସଭାପତି ଯୋଗଦେଇ ଥିଲେ ।

## ଜୋନାଲ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପାତ୍ରପୁର,୮।୯ (ସମିସ): ସାମନ୍ତିଆପଲ୍ଲି ସ୍ଥିତ ପିଏମ୍ ଶ୍ରୀ ମହନ୍ତ ଶ୍ରୀ ପରାଙ୍କୁଶ ବିଦ୍ୟାପୀଠରେ ଜୋନାଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନାରାୟଣ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଏନ ତ୍ରିପତୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୃଷ୍ଟୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଏନ. ସଦାନନ୍ଦ ରାଓ ଓ ସମିତି ସଭ୍ୟ ମଞ୍ଚାସିନ ହୋଇଥିଲେ । ଖମ୍ବାରିଗାଁ, ବରଙ୍ଗ, କେଶରିପଡ଼ା, ବି. ନୂଆଗାଁ, ଜୟନ୍ତିପୁର, ଆଦର୍ଶ ବିଦ୍ୟାଳୟ ବାଦପୁର ଓ ସାମନ୍ତିଆପଲ୍ଲି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଂଗଠନ ସୃଜନ ଅଭିଯାନ

ବେଲଗୁଣ୍ଠା,୮।୯ (ସମିସ): ସୋରଡ଼ା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବେଲଗୁଣ୍ଠା ମାଆ ବ୍ରାହ୍ମଣ ଦେବୀ ମନ୍ଦିର ପରିସରରେ ସଂଗଠନ ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଏଆଇସିସି ସମ୍ପାଦକ ସଚିନ୍ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡା ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥ, ପୂର୍ବତନ ଚେୟାରମ୍ୟାନ୍ ସୁଜାତା ମହାନ୍ତି, ନାଟଙ୍ଗା ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ଼, ସମିତିସଭ୍ୟ ରାଜୀବ ଲୋଚନ ନାଇକ, ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ଖଣ୍ଡୁଆଳ, ବେଲଗୁଣ୍ଠା ବ୍ଲକ ପର୍ଯ୍ୟବେକ୍ଷକ ବିଦ୍ୟାଧର ପ୍ରଧାନ, ବେଲଗୁଣ୍ଠା ସହରର ବରିଷ୍ଠ କଂଗ୍ରେସ ନେତା ବାବୁଲି ବିନ୍ଧାଣୀରା, ଏ.ତ୍ରିପତୀ ପାତ୍ର, ସନ୍ତୋଷ କୁମାର ସାହୁ, ଅବଦୁଲ୍ ରଜାକ୍, ବିଜୟ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ । କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ସଜାଡ଼ିବା ଉପରେ ଆଲୋଚନା କରିଥିଲେ ।

## ଦୁଃଖ ଦେଉଛି ମହେନ୍ଦ୍ରତନୟା | ଜୀବିକା ପାଇଁ ବାଜିରେ ଜୀବନ

ରାୟଗଡ଼,୮ ।୯ (ସମିସ)



ଗତ ସରକାର ସମୟରେ ସ୍ଥିତି ଯାହା ଥିଲା ବର୍ତ୍ତମାନ ବି ସେୟା । ସରକାର ବଦଳିଛି କିନ୍ତୁ ଲୋକଙ୍କ ସମସ୍ୟା ସୁଧୁରୁନି । ତିତିଲି ବାତ୍ୟାକୁ ସାତ ବର୍ଷ ପୁରିଲା ଓ ଏହାରି ମଧ୍ୟରେ ମହେନ୍ଦ୍ର ତନୟା ନଦୀରେ ଭାସି ୧୯ ଜଣଙ୍କ ଜୀବନ ଗଲା । କିନ୍ତୁ ଏ ପର୍ଯ୍ୟନ୍ତ ପ୍ରଶାସନର ନିଦ ଭାଙ୍ଗୁ ନଥିବା ଅଭିଯୋଗ ହେଉଛି । ବ୍ଲକ ପ୍ରଶାସନ ଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବାରମ୍ବାର ଏନେଇ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ଆହୁରି କେତେ ଜଣ ଲୋକ ସେହି ନଦୀରେ ଭାସି ମୃତ୍ୟୁ ବରଣ କଲେ ପ୍ରଶାସନର ନିଦ ଭାଙ୍ଗିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ ଆନ୍ଧ୍ର ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତର ସାଙ୍କୁଡା ଗ୍ରାମରେ । ଏହି ଗ୍ରାମରେ ପ୍ରାୟ ଆଦିବାସୀ ସମ୍ପ୍ରଦାୟ ଲୋକେ ବସବାସ କରୁଛନ୍ତି । ଏହି ଲୋକେ ଅନେକ ସମୟରେ ଦାଦନ ଖଟିବା ସହ ପୋଡୁ ଚାଷ କରି ଜୀବନ ଯାପନ କରୁଥିବାବେଳେ ଉକ୍ତ ଗ୍ରାମବାସୀଙ୍କୁ ନିଜ ଜିବିକା ପାଇଁ ଜୀବନ ହାରିବାକୁ ପଡୁଛି । ଉକ୍ତ ଗ୍ରାମର ନିକଟ ଦେଇ ମହେନ୍ଦ୍ରତନୟା ନଦୀ ପ୍ରଭାବିତ ହୋଇ ଯାଉଥିବା ବେଳେ ସେଠାରେ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବର୍ଷା ଦିନ ଆସିଲେ ଉକ୍ତ ନଦୀରେ ପ୍ରଖର ସ୍ରୋତରେ ପାଣି ବଢ଼ିଥାଏ ଓ ବର୍ଷା ଚାରି ମାସ ଗ୍ରାମବାସୀ ଗୋଟିଏ ପଟେ ଜଳବନ୍ଦି ଅବସ୍ଥାରେ ରହିଥାନ୍ତି । ଉକ୍ତ ସମୟରେ କାହାର ଦେହ ଖରାପ କିମ୍ବା କୌଣସି ଜରୁରୀକାଳୀନ କାମ ପଡ଼ିଲେ ପରିସ୍ଥିତି ଜଟିଳ ହୋଇପଡୁଛି । ବିପଦ ସଂକୁଳ ଅବସ୍ଥାରେ ସେହି ନାଳ ଦେଇ ଏକାଧିକ ବାଲ୍ ବାଟିକା ପିଲାଙ୍କ ସମେତ ଅନେକ ଛାତ୍ରଛାତ୍ରୀ ମାନେ ପ୍ରତିଦିନ ଯିବାଆସିବା କରି ପାଠ ପଢିବା ପାଇଁ ବିପଦ ସଂକୁଳ ଅବସ୍ଥାରେ ଗଙ୍ଗାବାଡ଼ ବିଦ୍ୟାଳୟକୁ ଯାଆନ୍ତି । ଉକ୍ତ ନଦୀରେ ପୋଲଟିଏ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇ ଦୁଇ ବର୍ଷ ବିତିଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରୁନାହିଁ ବୋଲି ସରପଞ୍ଚ ହରିବନ୍ଧୁ କାର୍ଯୀ କହିଛନ୍ତି । ଆନ୍ଧ୍ର ସୀମାନ୍ତ ଗାଁରେ ବ୍ଲକ ପ୍ରଶାସନର ଏଭଳି ଅଣଦେଖା କରୁଥିବା ବେଳେ ଅତି ଶୀଘ୍ର ଉକ୍ତ କାମ ଆରମ୍ଭ କରାଯାଉ ନଚେତ ଉକ୍ତ ଗ୍ରାମକୁ ଆନ୍ଧ୍ର ହାତକୁ ଟେକି ଦେଇଦିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସମିତି ସଭ୍ୟା ସୁମିତ୍ରା ଶବର । ଏନେଇ ବିଡିଓ ସନ୍ତୋଷ କୁମାର ବାରିକଙ୍କ ସହ ଯୋଗାଯୋଗ କରାଯିବାରୁ ସେ ମୋର ବହୁତ କାମ ଅଛି ଏ ବିଷୟରେ କିଛି କହିପାରିବି ନାହିଁ ବୋଲି କଥାକୁ ହାଲକାରେ ଏଡ଼ାଇ ଦେଇ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି ।

### ସାତ ବର୍ଷରେ ଗଲାଣି ୧୯ ଜୀବନ

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ,୮ ।୯ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ପାରିନୁଆଗାଁରେ ଘଟିଥିବା ବାଇକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଯୁବକଙ୍କ ମୃତ୍ୟୁ ଘଟିଛି । ଗତ ୪/୫ ଦିନ ତଳେ ପାରିନୁଆଗାଁର ମିଥୁନ ପ୍ରଧାନ ବାଇକ ଯୋଗେ ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଗାଁ ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ବାଇକ ପିଟି ହୋଇଯାଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ତୁରନ୍ତ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା । ସେଠାରେ ମଧ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଚାଲିଥିବା ବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା । ସେଠାରେ ଶବ ବ୍ୟବଛେଦ ପରେ ବିଳମ୍ବିତ ରାତିରେ ମୃତଦେହ ଗାଁରେ ପହଞ୍ଚିଥିଲା । ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା ।

## ସାପ କାମୁଡ଼ାରେ ମହିଳା ମୃତ

ଆସିକା, ୮।୯(ସମିସ): କୋଟିନଡ଼ା ଥାନା ଜୟପୁର ଗ୍ରାମରେ ବିଷଧର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଉକ୍ତ ଗ୍ରାମର ଲକ୍ଷ୍ମୀ ଲେଙ୍କା (୫୨)। ଲକ୍ଷ୍ମୀ ନିଜ ଜମିକୁ ଚାଷ କାର୍ଯ୍ୟ ଲାଗି ଋଷିକୂଲ୍ୟା ନଦୀ ହିଡ଼ରେ ଯାଉଥିଲେ। ଏଠାରେ ତାଙ୍କୁ ସାପ କାମୁଡ଼ି ଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଖବର ପାଇ କୋଟିନଡ଼ା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଥାନା କେଶ ନମ୍ବର ୫/୨୦୨୫ରେ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ବନ ବିଭାଗର ସହାୟତା ମିଳିଛି; ଆବାସକୁ ଅପେକ୍ଷା

ଜି.ଉଦୟଗିରି, ୮।୯(ସମିସ): ଜି ଉଦୟଗିରି ଅଞ୍ଚଳରେ ହାତୀ ଉପଦ୍ରବରେ ଲୋକଙ୍କ କ୍ଷୟକ୍ଷତି ହୋଇଥିବା ବେଳେ ବନ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇ ପର୍ଯ୍ୟାୟକ୍ରମେ ସହାୟତା ପ୍ରଦାନ କରାଯାଉଛି। ଏହିକ୍ରମରେ କଳିଙ୍ଗାର ଯୁଗରାଇ ପ୍ରଧାନଙ୍କ ଘର, ପାୱାର ଟ୍ରିଲର ଫସଲ ନଷ୍ଟ ହୋଇଥିଲା। ବନ ବିଭାଗ ତରଫରୁ ପ୍ରଥମ ପର୍ଯ୍ୟାୟରେ ୧୭ ହଜାର ୨ଶହ ୨୫, ଦ୍ୱିତୀୟ ପର୍ଯ୍ୟାୟରେ ୬ ହଜାର ୫ଶହ ୨୫, ତୃତୀୟ ପର୍ଯ୍ୟାୟରେ ୩ ହଜାର ୫ଶହ ୫୦ ଟଙ୍କା ଅର୍ଥାତ ସମୁଦାୟ ୨୭ ହଜାର ୩ଶହ ସହାୟତା ପ୍ରଦାନ କରାଯାଇଥିବା ବେଳେ ଏହାକୁ ପାଇଥିବା ସ୍ୱୀକାର କରିଛନ୍ତି ଯୁଗରାଇ ପ୍ରଧାନ। କିନ୍ତୁ ଏଯାଏଁ ତାଙ୍କୁ ଆବାସ ଖଣ୍ଡିଏ ମିଳିନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଆରଏସଏସ୍‌ର ପଥ ସଞ୍ଚାଳନ କାର୍ଯ୍ୟକ୍ରମ

କୋଦଳା, ୮।୯(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକୀ ଉପଲକ୍ଷେ ବେଗୁନିଆପଡ଼ା ଖଣ୍ଡ ପକ୍ଷରୁ ଏହା ପାଳନ କରାଯାଇଛି। ସଂଘର ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତା ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଗଣେଶ୍ୱର ମୁଦୁଲି, ସଞ୍ଜୟ କୁମାର ଦାଶ, ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଏକ ଶୋଭାଯାତ୍ରାରେ ବେଗୁନିଆପଡ଼ା ପଞ୍ଚାୟତ ଓ ଖଣ୍ଡିଆନଇ ପଞ୍ଚାୟତରୁ ଗ୍ରସ୍ତ କରିବା ସହ ବେଗୁନିଆପଡ଼ା ଜନତା ହାଇସ୍କୁଲ ଷ୍ଟାଡିୟମ ଠାରେ ଏକ ସଭାର ଆୟୋଜନ କରାଯାଇ ଆରଏସଏସର କାର୍ଯ୍ୟାଧାରା ଉପରେ ବକ୍ତା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ସନ୍ଧ୍ୟାରେ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା।

## କଡ଼ା ସୁରକ୍ଷା ମଧ୍ୟରେ ହୋମଗାର୍ଡ ପରୀକ୍ଷା

ସାନଖେମୁଣ୍ଡି, ୮।୯(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ରବିବାର ଖାଲିଥିବା ୧୩୫ଟି ଗୃହରକ୍ଷୀ (ହୋମଗାର୍ଡ) ପଦ ପୂରଣ ପାଇଁ ବିଭିନ୍ନ କେନ୍ଦ୍ରରେ ଲିଖିତ ପରୀକ୍ଷା ଆରମ୍ଭ ହୋଇଛି। ଗଞ୍ଜାମ ପୁଲିସ ଜିଲ୍ଲାରେ ୧୩୫ ଟି ପଦବୀ ପାଇଁ ୭୫୦୦ରୁ ଉର୍ଦ୍ଧ୍ୱ ଆବେଦନ କରିଥିବା ବେଳେ ପାଟପୁର ଥାନାରୁ ୩୧୪ ଜଣ ଆବେଦନ କରିଥିଲେ। ପାଟପୁର ଥାନା ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟରେ ମଧ୍ୟ କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ହୋଇଥିଲା। ୨୫୭ ଜଣ ଆବେଦନକାରି ପରୀକ୍ଷା ଦେଇଥିଲେ। ଥାନା ଅଧିକାରୀ ଦିପ୍ତି ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ସରିଛି। ପାଟପୁର କଲେଜର ଅଧ୍ୟକ୍ଷ ଓ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ।

## ଶିକ୍ଷା ଯୋଜନା ସମ୍ପର୍କିତ କ୍ଲଷ୍ଟରସ୍ତରୀୟ ବୈଠକ

ବୁଗୁଡ଼ା, ୮।୯(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମହୁଲପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲିପଦର କ୍ଲଷ୍ଟରସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିପଦର ସିଆର୍‌ସିସି ବିଶ୍ୱଜିତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ କୈବଲ୍ୟ ସ୍ୱାଇଁଙ୍କ ସମେତ ଏବିଇଓ ଅମିତା ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବ୍ରହ୍ମାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଗୁଣାତ୍ମକ ଶିକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସେଠୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବୈଠକରେ ବାଲିପଦର କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଏବଂ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଆଞ୍ଚଳିକ ସ୍ନାତକ କଲେଜରେ ଆଲୋଚନାଚକ୍ର

ବେଲଗୁଣ୍ଠା, ୮।୯(ସମିସ): କ୍ଷତ୍ରୀୟବରପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ 'ଶୈବାଳ' ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଗିରିଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେ ତାଙ୍କ ଅଭିଭାଷଣରେ ଶୈବାଳ ସମ୍ବନ୍ଧୀୟ ଦୃଷ୍ଟାନ୍ତମୂଳକ ତଥ୍ୟ ପ୍ରଦାନ କରିଥିଲେ। ରାସାୟନିକ ବିଭାଗର ମୁଖ୍ୟ ଇଂ. ଡ. ରବିନାରାୟଣ ପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ବିଭାଗର ଅନୀତା ତ୍ରିପାଠୀ 'ଶୈବାଳ'ର ଉପଯୋଗୀତା ଓ ଅସୁବିଧା ଏବଂ ତତ୍‌ସହିତ ତାର ଔଷଧୀୟ ଗୁଣକୁ ସଠିକଭାବେ ଉପଯୋଗ କରିପାରିଲେ, ଏହା ପରିବେଶ ସହିତ ନିଜ ଜୀବନକୁ ସୁନ୍ଦର କରିଥାଏ ବୋଲି କହିଥିଲେ। ୨ୟ ବର୍ଷର ଛାତ୍ରୀ ସାଇସ୍ମିତା ଜେନା ଶୀର୍ଷକ ସନ୍ଦର୍ଭ ପାଠ କରିଥିଲେ। ଛାତ୍ର ଶୁଭମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ଭିଦବିଜ୍ଞାନାଗାରର ସହାୟକ ଭୂଷଣ ଗୌଡ଼ଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ବନ କର୍ମଚାରୀଙ୍କୁ ଅଟକ ରଖିଲେ ଆଦିବାସୀ

ଖଲ୍ଲିକୋଟ, ୮।୯(ସମିସ)

ଆଦିବାସୀ ମାନେ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦେବାକୁ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ ଶୁଣିଲାନି। ଏଣୁ ରବିବାର ସନ୍ଧ୍ୟାରେ ହାତୀ ଘଉଡ଼ାଇବାକୁ ଯାଇଥିବା ବନ କର୍ମଚାରୀ ମାନଙ୍କୁ ପ୍ରାୟ ୭ ଘଣ୍ଟା ଧରି ଅଟକ ରଖିଥିଲେ ଆଦିବାସୀ। ବିଳମ୍ବିତ ରାତି ରେ ଖଲ୍ଲିକୋଟ ରେଞ୍ଜର ଯାଇ ପ୍ରତିଶ୍ରୁତି ଦେବାରୁ କର୍ମଚାରୀ ମୁକୁଳିଥିଲେ। ରବିବାର ସନ୍ଧ୍ୟାରେ ହାତୀ ଘଉଡ଼ାଇବାକୁ ଖଲ୍ଲିକୋଟ ବନ ବିଭାଗର ଏକ ଟିମ ଆଦିବାସୀ ଅଧ୍ୟୁଷିତ ବାଦପଲ୍ଲୀ ପଞ୍ଚାୟତକୁ ଯାଇଥିଲେ। ପଞ୍ଚାୟତର ୧୧ଖଣ୍ଡ ଗ୍ରାମବାସୀ ଗତକାଲି ସନ୍ଧ୍ୟାରେ ବିଳମ୍ବିତ ରାତି ଯାଏଁ ଖଲ୍ଲିକୋଟ ବନାଞ୍ଚଳର ଅନେକ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ। ୨୦୦୬ମସିହା ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀ ମାନଙ୍କୁ ଜମି ଚିହ୍ନଟ କରି ପଟ୍ଟା ବଣ୍ଟନ କରାଯାଇନଥିବାରୁ ପ୍ରତିବାଦ କରି ଅଟକ ରଖିଲେ। ବିଳମ୍ବିତ ରାତିରେ ରେଞ୍ଜର ପହଞ୍ଚି ଉଦ୍ଧାର କରିଥିଲେ। ତେବେ ବାଦପଲ୍ଲି ପଞ୍ଚାୟତର ୧୧ଖଣ୍ଡ ଗ୍ରାମବାସୀ ଦୀର୍ଘ ଦିନ ହେଲା ଜଙ୍ଗଲ ଜମି ପଟ୍ଟା ପାଇଁ ଦୌଡୁଥିଲେ ମଧ୍ୟ ବନବିଭାଗ ଜାଗା ମାପ କରି ସ୍କେଚ ମେପ ଦେଉନଥିବାରୁ ପଟ୍ଟା ହେଇ ପାରୁନି। ଯାହାର ପ୍ରତିବାଦରେ ସ୍ୱରୂପ ବନକର୍ମଚାରୀଙ୍କୁ ଅରଦିବାସୀ ଅଟକ ରଖିଥିଲେ। ସନ୍ଧ୍ୟା ୬ରୁ ରାତି ୧ଘଣ୍ଟା ପର୍ଯ୍ୟନ୍ତ ଅଟକ ରହିବା ପରେ ରେଞ୍ଜର ଦିବ୍ୟାଶଙ୍କର ବେହେରା ପହଞ୍ଚି ଡିସେମ୍ବର ୩୧ସୁଦ୍ଧା ସ୍କେଚ ମ୍ୟାପ କରି ଦେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ବନ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ତୃତୀୟ ମାସିକ କ୍ଲଷ୍ଟର୍‌ସ୍ତରୀୟ ବୈଠକ



ବେଲଗୁଣ୍ଠା, ୮।୯(ସମିସ): ବେଲଗୁଣ୍ଠା ବ୍ଲକର ସମସ୍ତ ଏଗାରଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ସିଆରସିସିଙ୍କ ତତ୍ତ୍ୱାବଧାନରେ ତୃତୀୟ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏ ଅବସରରେ ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୋରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକକୁ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସ ଉଦ୍‌ଘାଟନ କରିଥିଲେ। ଏହି ବୈଠକରେ ପ୍ରଧାନ ଶିକ୍ଷକ ଶିବରାମ ବେହେରାଙ୍କ ସମେତ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ପରିଦର୍ଶନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସେହିପରି ଉଡୁରା ସିଆରସିସି ରମେଶ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବାଲିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅତିଥି ରୂପେ ବେଲଗୁଣ୍ଠା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ପ୍ରତିଭା ରଥ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନା କୁମାରୀ ଖଡଗରାୟ ଉପସ୍ଥିତ ଥିଲେ। ସେହିପରି ବ୍ଲକର କ୍ଷତ୍ରିୟବରପୁର, ଏନ୍.ପି.ଶାସନ, ଗୋବରା, ନେଟଙ୍ଗା, ବଡ଼ପଡ଼ା, ପାଟୁଳିସାହି, ତନରଡା, ମଙ୍ଗଳପୁର, ଆମ୍ବପୁଆ କ୍ଲଷ୍ଟରରେ ସିଆରସିସିଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା।

## ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ

ଦିଗପହଣ୍ଡି, ୮।୯(ସମିସ): ଦିଗପହଣ୍ଡି ଏନ୍‌ଏସି କ୍ଲଷ୍ଟର ଅଧିନ ନୂଆସାହି ପ୍ରାଥମିକ ବିଦ୍ୟାଳୟ ଏବଂ ସିଦ୍ଧେଶ୍ୱର କ୍ଲଷ୍ଟର ଅଧିନ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ଠାରେ ଶନିବାର ପ୍ରାଥମିକ ଶିକ୍ଷା ବିଭାଗ ପକ୍ଷରୁ 'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ବାଳା ମାଝି ଏବଂ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଶିକ୍ଷା ତାଲିମ ପ୍ରତିଷ୍ଠାନର ପ୍ରଶିକ୍ଷିକା ନିବେଦିତା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ଭାବେ ପ୍ରଣୀତ 'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ପ୍ରଧାନ ଶିକ୍ଷକ ଏବଂ ଏଫ୍‌ଏଲଏନ୍ ସହକାରୀ ଶିକ୍ଷକ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନୀଲ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଆରଟି ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## ୧୯୮୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ଗୁରୁ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର, ୮।୯(ସମିସ): ପୁରୁଷୋତ୍ତମପୁର ନରସିଂହ ଦାସ ଉଚ୍ଚ ବିଦ୍ୟାଳୟର ୧୯୮୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ପକ୍ଷରୁ



ଶିକ୍ଷା-ଶିକ୍ଷକ ସମ୍ପର୍କ କାର୍ଯ୍ୟକ୍ରମ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ରବିବାର କଲ୍ୟାଣମଣ୍ଡପ ପରିସରରେ ପ୍ରାକ୍ତନ ଛାତ୍ର ଡାକ୍ତର ମାନସ ରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ବର୍ଷିଆନ ଶିକ୍ଷକ ଏ.ରାଜୁଗୋପାଳ ରାଓ, ସୂର୍ଯ୍ୟନାରାୟଣ ରଥ, ହୟଗ୍ରିବ ତ୍ରିପାଠୀ ଓ ଶରତ ଚନ୍ଦ୍ର ଦାଶ ଯୋଗଦେଇ ଗୁରୁ ବିନା କୌଣସି କାର୍ଯ୍ୟ ଅସମ୍ଭବ ବୋଲି କହି କେବଳ ପାଠପଢ଼ାରେ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଛାତ୍ରମାନେ ମଧ୍ୟ ନିଜର ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାକୁ ପ୍ରାକ୍ତନ ଛାତ୍ର ଅନୁପ କୁମାର ପାଢ଼ୀ, ରଜନୀକାନ୍ତ ଦାଶ, କିଶୋର ସାହୁ, ପ୍ରହଲ୍ଲାଦ ନାୟକ, ବଳରାମ ବେହେରା ନରେନ୍ଦ୍ର ସେନାପତି ପ୍ରମୁଖ ପରିଚାଳନା କରିଥିବାବେଳେ ବହୁ ପୁରାତନ ଛାତ୍ର ଯୋଗଦେଇଥିଲେ।

## ହୋମ୍‌ଗାର୍ଡ ପରୀକ୍ଷା ଦେଉଛନ୍ତି ବି-ଟେକ୍ ଓ ଏମ୍‌ବିଏ ଡିଗ୍ରୀଧାରୀ

ଭଞ୍ଜନଗର, ୮।୯(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ରବିବାର ଖାଲିଥିବା ୧୩୫ଟି ଗୃହରକ୍ଷୀ (ହୋମଗାର୍ଡ) ପଦ ପାଇଁ ବିଭିନ୍ନ କେନ୍ଦ୍ରରେ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତେବେ ବେକାରୀ ସମସ୍ୟା ଉତ୍କଟ ଯୋଗୁଁ ଏବେ ହୋମଗାର୍ଡ ଚାକିରି ପାଇଁ ଏମ୍‌ବିଏ, ବି-ଟେକ୍ ଡିଗ୍ରୀଧାରି ପରୀକ୍ଷା ଦେଉଛନ୍ତି। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଧ୍ୟ କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ଆରମ୍ଭ ହୋଇଛି। ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଚାଲିଛି। ସେହିଭଳି ଭଞ୍ଜନଗର ଏସଡିପିଓ ଡ ଦୀପକ ମିଶ୍ର, ଭଞ୍ଜନଗର ଏଏସପି ରଞ୍ଜନ କୁମାର ଦେଓ ମଧ୍ୟ ନିଜ ଅଞ୍ଚଳରେ ଥିବା ପରୀକ୍ଷା କେନ୍ଦ୍ର ବୁଲି ସୁରକ୍ଷା ବ୍ୟବସ୍ଥା ବୁଲି ଦେଖିଥିଲେ।

## ଓଡ଼ିଶା ହୋମ୍‌ଗାର୍ଡ ପରୀକ୍ଷା; ଉଚ୍ଚ ଶିକ୍ଷିତଙ୍କ ଲମ୍ବା ଧାଡ଼ି

ଆସିକା, ୮।୯(ସମିସ): ରବିବାର ଗଞ୍ଜାମର ବିଭିନ୍ନ ଥାନା ଇଲାକାରେ ଓଡ଼ିଶା ହୋମଗାର୍ଡ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷା ଦେବା ପାଇଁ ଉଚ୍ଚ ଶିକ୍ଷିତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ଯେଉଁଥିରୁ ଜଣା ପଡୁଛି ଯେ ସରକାରୀ ଚାକିରିଟିଏ ପାଇଁ ଯୁବବର୍ଗ କେତେ ବ୍ୟଗ୍ର। ଆସିକା ଥାନା ଇଲାକାର ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟ ଏବଂ କୋଟିନଡା ଥାନା ଇଲାକାରେ ବିଜ୍ଞାନ ମହାବିଦ୍ୟାଳୟ କଲେଜରେ ଏହି ପରୀକ୍ଷା ଥିବା ବେଳେଆସିକା ଥାନା ଅଞ୍ଚଳରେ ମୋଟ ୨୩୨ ଜଣ ଆଶାୟୀ ଓ କୋଟିନଡା ଥାନା ଇଲାକାରେ ୧୧୧ ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପ୍ରଶ୍ନପତ୍ର କଡା ସୁରକ୍ଷା ଭିତରେ ଉଭୟ ଥାନାର ଅଧିକାରୀ ମାନେ ପରୀକ୍ଷା କେନ୍ଦ୍ରକୁ ଆଣି ପେପର ବାଣ୍ଟିଥିଲେ। ଶାନ୍ତି ଶୃଙ୍ଖଳା ସହ ପରୀକ୍ଷା ଶେଷ ହୋଇଥିଲା।



## ସୋରଡ଼ାରେ କଂଗ୍ରେସର ସଂଗଠନ ସୃଜନ ଅଭିଯାନ




ସୋରଡ଼ା, ୮।୯(ସମିସ): ସୋରଡ଼ା ସହରର ବଡପୁଞ୍ଜା କାଳିମନ୍ଦିର ପରିସରରେ କଂଗ୍ରେସ ଦଳ ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋରଡ଼ା ବିଧାନସଭାର ପୂର୍ବତନ ବିଧାୟକ ପାର୍ଥୀ ହରିକୃଷ୍ଣ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ସଚିନ ନାୟକ ଓ ପିସିସି ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପୂର୍ବତନ ଆସ୍କା ଲୋକସଭା ସାଂସଦ ପାର୍ଥୀ ଦେବକାନ୍ତ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏଆଇସିସି ପର୍ଯ୍ୟବେକ୍ଷକ ସଚିନ ନାୟକ ପ୍ରଥମେ କର୍ମୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଜିଲ୍ଲା ସଭାପତି ଚୟନ ପାଇଁ ମତାମତ ନେଇଥିଲେ। ଦଳକୁ ତୃଣମୂଳସ୍ତରରୁ ଆହୁରି ସୁଦୃଢ କରିବାକୁ ନେତାଏଁ ଏଠାରେ ମତବ୍ୟକ୍ତ କରିଥିଲେ।

## ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ଜୟନ୍ତୀରେ ଶୋଭାଯାତ୍ରା

କବିସୂର୍ଯ୍ୟନଗର, ୮।୯(ସମିସ): ଦିବ୍ୟଜୀବନ ଶାଖା ପକ୍ଷରୁ ୫୫ତମ ବାର୍ଷିକ ଉତ୍ସବ ତଥା ୧୩୮ତମ ଶ୍ରୀସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜାଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ଦିବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାତଃ ପ୍ରାର୍ଥନା, ପ୍ରଭାତ ଫେରି, କର୍ମଯୋଗ, ସକାଳେ ଭଜନ ଓ ପାଦୁକା ପୂଜା, ଅପରାହ୍ନରେ ବାଚନିକ ସେବା, ପୂଜା, ଆରତୀ, ସ୍ୱସ୍ତିବାଚନ ଏବଂ ସନ୍ଧ୍ୟାରେ ଶିବାନନ୍ଦ ମହାରାଜାଙ୍କ ଦିବ୍ୟ ଶୋଭାଯାତ୍ରା ହୋଇଥିଲା। ମୁଖ୍ୟ ପ୍ରବକ୍ତା ଭାବେ ଭାଗବତ ମଠ ମହନ୍ତ ବ୍ରଜବନ୍ଧୁ ଦାସଜୀ ମହାରାଜାଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଛି। ଆଧ୍ୟାତ୍ମିକ ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଦିବ୍ୟଜୀବନ ସଂଘ ସଭାପତି ବନମାଳୀ ସ୍ୱାଇଁ, ଉପସଭାପତି ଗଙ୍ଗାଧର ମହାପାତ୍ର, ସମ୍ପାଦକ ବଂଶୀଧର ପ୍ରଧାନ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ଡାକୁଆ, ସଞ୍ଚାଳକ ଗୌରୀ ନାରାୟଣ ପାତ୍ର, ସଦାନନ୍ଦ ମାଝୀ, ଭିକାରୀ ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



# ମଥୁରା ପଞ୍ଚାୟତରେ ମିଳିତ ଜନଶୁଣାଣି

ପୋଲସରା, ୮।୯(ସମିସ)

ମଥୁରା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଶୀଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ମଥୁରା ଓ ଢଉମାଳ ଗ୍ରାମର ମୋଟ ୨୦୧ଜଣ ଉପସ୍ଥିତ ରହି ନାମ ପଞ୍ଜୀକରଣ କରିଥିଲେ। ଏହି ଜନଶୁଣାଣିରେ ବହୁ ମାତ୍ରାରେ ରାସନ କାର୍ଡ ଓ ଭତ୍ତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇବା ପାଇଁ ଅଭିଯୋଗ ପତ୍ର ଆସିଥିବା ବେଳେ ସେଥି ମଧ୍ୟରୁ ୧୪୬ ଟିର ସମାଧାନ ହୋଇଥିବା ଜଣାପଡ଼ିଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ର, ପୋଲସରା ଥାନା ଅଧିକାରୀ କୌଶିକ ମାଝୀ, ଅତିରିକ୍ତ ବିଡିଓ ସୋନମ୍ ବେହେରା, ସିଡିପିଓ ତିଲୋତ୍ତମା ରାଉତ, ଧନେଇ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ପଣ୍ଡା, ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ଗ୍ରାମ୍ୟ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର ତରାଇ, କ୍ଷୁଦ୍ର ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନୁଜ୍ କୁମାର, ଯନ୍ତ୍ରୀ ଶ୍ରୀକାନ୍ତ ଜେନା, ବ୍ଲକ ପଶୁ ଚିକିତ୍ସା ଅଧିକାରୀ ସୁବାସ ଜେନା, ଜିଲ୍ଲା ପରିଷଦ ସଭ୍ୟ ବିକ୍ରମ ନାୟକ, ସରପଞ୍ଚ ସୁନିତା ବେହେରା, ସମିତି ସଭ୍ୟା ମିନତୀ ପାତ୍ର, ସମେତ ବିଭିନ୍ନ ବିଭାଗ ର କର୍ମଚାରୀ ସମେତ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ଗୌଡ଼ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବେଲଗୁଣ୍ଠା, ୮।୯(ସମିସ): ଗାଙ୍ଗପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ତହସିଲଦାର ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ କଳାକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ, ବେଲଗୁଣ୍ଠା ଏବିଇଓ ପ୍ରତିଭା ରଥ, ସିଡିପିଓ ନଳିନୀ ମହାରଣା, ଗାଙ୍ଗପୁର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଆୟୂଷ ଡାକ୍ତର ପାଣ୍ଡବ ସ୍ୱାଇଁ, ସୋରଡ଼ା ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୋଟ ୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥି ମଧ୍ୟରୁ ୪୮ ଟି ଅଭିଯୋଗର ତତ୍କାଳ ସମାଧାନ କରାଯିବା ସହିତ ୧୬ ଟି ଅଭିଯୋଗର ଇ- ପଞ୍ଜୀକରଣ କରାଯାଇଥିଲା। ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ପର୍ଯ୍ୟାୟକ୍ରମେ ସେଗୁଡ଼ିକର ସମାଧାନ କରାଯିବ ବୋଲି ବିଡିଓ କଳାକୃଷ୍ଣ ପ୍ରଧାନ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକ, ସହକାରୀ ଶ୍ରମ ଅଧିକାରୀ, ସହକାରୀ କୃଷି ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ, ବିଭିନ୍ନ ବିଭାଗର କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।



